# Akashvani, Sambalpur

## SAMBALPURI NEWS MORNING BULLETIN

## 14 October 2026 - 6.47- 6.52 am.

---

ରାଜ୍ୟ କେବିନେଟ୍        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କେବିନେଟ୍‌ର ୪୮ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୧୧ ଟା ବିଭାଗ୍‌ର ୧୬ ଟା ପ୍ରସ୍ତାବ୍‌କେ ଆଲୋଚନା ଉତ୍‌ରୁ ଅନୁମୋଦନ୍ କରାଯାଇଛେ । ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶାସନ୍ ମୁଖ୍ୟ ଭାବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୨୫ ବଛରର୍ କାର୍ଯ୍ୟକାଳ ପୁରା ହେଇଥିବାର୍ ଅବ୍‌ସରେ ତାଙ୍କୁ ଅଭିନନ୍ଦନ୍ ଜନେଇକରି ରାଜ୍ୟ କେବିନେଟ୍‌ଥି ସଂକଳ୍ପ ପାରିତ୍ ହେଇଥିବାର୍ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବୈଠକ୍‌ର ନିଷ୍ପତି ଅନ୍‌ସାରେ ରାଜ୍ୟର୍ ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପ୍ରାପ୍ତ ମାଧମିକ୍ ବିଦ୍ୟାଲୟ ନ ୯ ଆଉ ୧୦ ଶ୍ରେଣୀର୍ ଛୁଆଙ୍କୁ ସର୍‌କାର୍ ମାହାଲିଆ ବହି ଯୁଗେଇ ଦେବେ । ୨୦୨୫-୨୬ ନୁ ୨୦୨୯-୩୦ - ୫ ବଛ୍‌ରେ ୨ ଶହ ୮୪ କୋଟି ଟଙ୍କା ଖର୍ଚ୍ଚା କରାଯିବା ଆଉ ଇଥି ୨୮ ଲାଖ୍ ୭୦ ହଜାର୍ ଛାତ୍ରଛାତ୍ରୀ ଲାଭ୍ ପାଏବେ । ସେନ୍ତା ସହରାଂଚଲ୍ ନ ଜଲ୍ ନିଷ୍କାସନ୍ ଲାଗି ୨୦୩୦-୩୧ ତକ୍ ୫ ଶହ କୋଟି ଟଙ୍କାକେ କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଆଏବା ନଭେମ୍ବର୍‌ନୁ ମୁଲ୍ ହେବାର୍‌କେ ଥିବା କଟକ୍ ମହାନଦୀ ୱାଟର୍ ଫ୍ରଂଟ୍ ଯୋଜ୍‌ନା ଲାଗି ଟେଣ୍ଡର୍‌କେ ଭିଲ୍ କେବିନେଟ୍‌ର ମଞ୍ଜୁରୀ ମିଲିଛେ ।

ବଲାଙ୍ଗିର୍ ଜିଲ୍ଲା ସଇଁତଲା ବ୍ଲକ୍ ତୁସ୍ତାପାଲି ଗାଁପାଶେ ଥିବା ଅନ୍ତଃନଦୀ ଜଲାଶୟ ପ୍ରକଳ୍ପ ଟେଣ୍ଡର୍‌କେ ଭିଲ୍ କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଇଥିର୍‌ଲାଗି ଶହେ ୫ କୋଟି ୬୨ ଲାଖ୍ ଟଙ୍କା ଖର୍ଚ୍ଚା ହେବା । ମର୍‌ଡ଼ି ସମସ୍ୟାର୍ ସମାଧାନ୍ ସହେତେ ଇଥି ୧୨ ଟା ଗାଁକେ ବରସ୍‌ଟା ଯାକ ପିଇବାର୍ ପାଏନ୍ ଯୁଗେଇ ଦିଆଯିବା ।

ବୈଠକ୍ ଉତ୍ରୁ ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗ କେବିନେଟ୍ ବୈଠକ୍ଥି ନିଆଯାଇଥିବା ଅଲ୍ଗା ସବୁ ପ୍ରସ୍ତାବ୍ର ନିଷ୍ପତି ବାବ୍ଦେ ଗଣମାଧ୍ୟମ୍ଥି ସୂଚ୍ନା ଦେଇଥିଲେ ।

ମୁଖ୍ୟମନ୍ତ୍ରୀ-ଶିଲାନ୍ୟାସ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଯାଜ୍ପୁର୍ ଜିଲ୍ଲା କଲିଙ୍ଗ ନଗର୍ ଠାନେ ଶିଳ୍ପ ପ୍ରକଳ୍ପ ମାନ୍କର୍ ଶିଲାନ୍ୟାସ୍ ଆଉ ଉଦ୍ଘାଟନ୍ ସମାରୋହଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ମୋଟ୍ ୩୯ ହଜାର୍ ୩ ଶହ ୮୩ କୋଟି ଟଙ୍କାର ୪୬ ଟା ଶିଳ୍ପ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ କର୍ବେ । ଯେନ୍ଥିର୍ ଲାଗି ୪୨ ହଜାର୍ ୫ ଶହ ୧୨ ଟା ନିଯୁକ୍ତି ସୁଯୋଗ୍ ତିଆର୍ ହେବା । ଶିଳ୍ପ ବିଭାଗ୍ର ସୂଚ୍ନା ଅନ୍ସାରେ ୧୪ ଟା ଜିଲ୍ଲା ନ ଇ ଶିଳ୍ପ ସବୁ ଆସୁଛେ । ଇ ଅବ୍ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ନିବେଶକ୍ ଆଉ ଶିଳ୍ପ ପ୍ରତିନିଧି ମାନ୍କର୍ ସାଙ୍ଗେ ଗୋଲ୍ ଟେବୁଲ୍ ଆଲୋଚନା ଆଉ ପ୍ରତ୍ୟକ୍ଷ ଆଲୋଚନା କର୍ବେ ବଲି ଜନାପଡ଼ିଛେ ।

ଓଡ଼ିଶା ସମ୍ମାନିତ          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ସ୍ୱଚ୍ଛ ଶକ୍ତି ଅଭିଯାନ୍ ଆଉ ନବୀକରଣୀୟ ଶକ୍ତି କ୍ଷେତ୍ରଥି ରାଜ୍ୟକେ ସମ୍ମାନ୍ ଜନକ୍ ୱିଣ୍ଡ୍ ଇଣ୍ଡିଆ-୨୦୨୬ : ଲିଡରସିପ୍ ଇନ୍ ୱିଣ୍ଡ୍ ଏନର୍ଜି ଡିରିସ୍କିଂ ପୁରସ୍କାର୍‌ଥି ସମ୍ମାନିତ୍ କରାଯାଇଛେ । ଚେନ୍ନଇ ନ ହେଇଥିବା ସମ୍ମିଳନୀଥି ମିଲିଥିବା ଇ ପୁରସ୍କାର୍‌କେ ବିଭାଗୀୟ ସଚିବ ବିଶାଲ୍ କୁମାର୍ ଦେବ୍ - ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଅର୍ପଣ୍ କରିଛନ୍ ।

ନବରାତ୍ର ପୂଜା       ଆର୍‌ଏନ୍‌ୟୁ କଟକ୍

ସାରା ଦେଶେ ଏଛେନ୍ ପୂଜାର୍ ମାହୋଲ୍ ଲାଗି ରହିଛେ । ରାଜ୍ୟ ଆର୍ ଦେଶର୍ ଭିନ୍ ଭିନ୍ ଶକ୍ତିପୀଠ ମାନ୍‌କେ ମାଁ ଦୁର୍ଗାଙ୍କର୍ ନବରାତ୍ର ପୂଜା ଚାଲିଛେ । ଆଏଜ୍ ନବରାତ୍ରୀର ୪ ନମ୍ବର୍ ଦିନେ ମା କୁଷ୍ମାଣ୍ଡାଙ୍କୁ ପୂଜା କରାଯାଉଛେ । ମାତା କୁଷ୍ମାଣ୍ଡା ବ୍ରହ୍ମାଣ୍ଡ ରଚନା କରିଥିବା ବିଷେ ପୁରାଣ୍‌ଥି ରହିଛେ । ହେଥିର୍‌ଲାଗି ସେ ସୃଷ୍ଟିର ଆଦିସ୍ୱରୂପା, ଆଦିଶକ୍ତି ଆଉ ଅଷ୍ଟଭୂଜା ଆନ୍ । ମା ଙ୍କର୍ ୭

ଟା ହାତେ କମଣ୍ଡଲୁ, ଧନୁ, ଶର୍, ପଦ୍ମ, ଅମୃତ କଳସ, ଚକ୍ର, ଗଦା ଆର୍ ୮ ନମ୍ବର୍ ହାତେ ସବୁ ସିଦ୍ଧି ଆଉ ନିଧି ଦେଉଥିବା ଜପମାଲା ରହିଛେ । ମା କୁଷ୍ମାଣ୍ଡାଙ୍କର୍ ପୂଜା କଲେ ଭକ୍ତର ସବୁ ରୋଗ ଶୋକ ଦୂର୍ ହେସି । ସେନ୍ତା ଆୟୁ, ଯଶ, ବଳ ଆର୍ ଆରୋଗ୍ୟ ଭିଲ୍ ମିଲ୍‌ସି ।

ଟ୍ରେନ୍ ଚଲାଚଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ପାର୍ବଣ ବେଲେ ଯାତ୍ରୀ ଭିଡ଼୍‌କେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଆଉ ପଶ୍ଚିମବଙ୍ଗ୍‌ର ସାନ୍ତ୍ରାଗାଛି ଭିତ୍‌ରେ ଖାସ୍ ଟ୍ରେନ୍ ଚଲାଚଲ୍ ଲାଗି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇ ଟ୍ରେନ୍ ଆଏଜ୍‌ଠାନୁ ୨୧ ତାରିଖ୍‌ତକ୍ ଫି’ ବୁଧବାର୍ ଉପର୍‌ବେଲା ୪. ୧୫ଥି ସମ୍ବଲ୍‌ପୁର୍‌ନୁ ଛାଡ୍‌ବା । ଆଉ ତାର ଆରଦିନ ରାତିର୍ ୨ ବଜେ ସାନ୍ତ୍ରାଗାଛି ନ ପୁହୁଁଚିବା । ସେନ୍ତା ଗୁରୁବାର୍ ଦିନ ବେଲ୍‌ବୁଡ଼ର୍ ୭ . ୫ ଥି ସାନ୍ତ୍ରାଗାଛି ନୁ ବାହାରିକରି ଶୁକ୍ରବାର୍ ସଖାଲର୍ ୭ . ୪୫ ଥି ସମ୍ବଲ୍‌ପୁର୍ ନ ପୁହୁଁଚିବା ।

ବର୍‌ଗଡ୍‌ ଧନୁଯାତ୍ରା-ବୈଠକ୍‌ ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ ଜିଲ୍ଲାପାଳ୍‌ଙ୍କର୍‌ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ବର୍‌ଗଡ୍‌ ଧନୁଯାତ୍ରା ମହୋତ୍ସବ୍‌ ସମିତିର୍‌ ଉପଦେଷ୍ଟା କମିଟି ଆଉ କାର୍ଯ୍ୟକାରୀ କମିଟିର୍‌ ଜରୁରୀ ବୈଠକ୍‌ ଗଲାକାଏଲ୍‌ ହେଇଯାଇଛେ । ବୈଠକ୍‌ଥି ଗଲାବଛରର ଆୟବ୍ୟୟ ହିସାବ୍‌ ସମୀକ୍ଷା ସହେତେ ଆଏବା ବଛର୍‌ ଧନୁଯାତ୍ରା ମହୋତ୍ସବ୍‌ ପରିଚାଳନା ବାବ୍‌ଦେ ଆଲୋଚନା କରାଯାଇଛେ । ଇଥର ଧନୁଯାତ୍ରା ଶେଷ୍‌ ହେବାର୍‌ ୩୦ ଦିନ୍‌ ଭିତ୍‌ରେ ଭିନ୍‌ ଭିନ୍‌ କମିଟି ସେମାନ୍‌କର୍‌ ସବୁ ଖର୍ଚ୍ଚା ହିସାବ୍‌ ସମିତି ପାଶେ ଦାଖଲ୍‌ କର୍‌ବାର୍‌ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଧନୁଯାତ୍ରା ୨୦୨୬-୨୭ ଜାନୁଆରୀ ମାସର୍‌ ୧୨ ନୁ ୨୨ ତାରିଖ୍‌ତକ୍‌ ଆୟୋଜନ୍‌ କରାଯିବା ବଲି ବୈଠକ୍‌ଥି ଧାରିଜ୍‌ କରାଯାଇଛେ । ଇତାର୍‌ଛଡ଼ା ଧନୁଯାତ୍ରାର୍‌ ମୁଖ୍ୟ ନାୟକ କଂସ ଭୂମିକା ଲାଗି କଳାକାର୍‌ ଚୟନ୍‌ ପ୍ରକ୍ରିୟା ଆଏବା ୧୫ ଦିନ୍‌ ଭିତ୍‌ରେ ଶେଷ୍‌ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।